ଗ୍ରାମୀଣ କୃଷି ମୌସମ ସେବା
ଭାରତ ପାଣିପାଗ ବିଭାଗ, ଏ.ଏମ.ଏଫ.ୟୁ. – ସେମିଳିଗୁଡା
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଆଞ୍ଚଳିକ ଗବେଷଣା ଓ ବୈଷୟିକ ଜ୍ଞାନକୌଶଳ ପ୍ରସାରଣ କେନ୍ଦ୍ର
ସେମିଳିଗୁଡା, ପି. ବି.-୧୦, ସୁନାବେଡା, କୋରାପୁଟ, ଓଡ଼ିଶା- ୭୬୩୦୦୨

ସପ୍ତାହ କ୍ର.ସଂ.-୩୦ **ପାଣିପାଗ ଜନିତ କୃଷି ଉପଦେଶ** ତାରିଖ – ୨୮.୦୭.୨୦୨୦

## ଜିଲ୍ଲା- କୋରାପୁଟ (ଇଷ୍ଟର୍ନ ଘାଟ ହାଇ ଲ୍ୟାଣ୍ଡ ଜୋନ)

| ଗତ ଚାରି ଦିନର ପାଣିପାଗ ଅବସ୍ଥା | | | | |
|---|---|---|---|---|
| ତାରିଖ | ୨୪.୦୭.୨୦୨୦ | ୨୫.୦୭.୨୦୨୦ | ୨୬.୦୭.୨୦୨୦ | ୨୭.୦୭.୨୦୨୦ |
| ବୃଷ୍ଟିପାତ (ମି.ମି.) | ୨.୬ | ୦.୯ | ୨.୫ | ୦.୨ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ୨୬ | ୨୬ | ୩୦ | ୩୧ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ୨୦ | ୨୦ | ୨୧ | ୨୨ |

## ଆସନ୍ତା ପାଞ୍ଚ ଦିନର (୨୯.୦୭.୨୦୨୦ ଠାରୁ ୦୨.୦୮.୨୦୨୦) ପାଣିପାଗର ପୂର୍ବାନୁମାନ

(ଏମ.ସି.,ଆଇ.ଏମ.ଡି., ଭୁବନେଶ୍ୱର ଅନୁଯାୟୀ)

ଆସନ୍ତା ପାଞ୍ଚ ଦିନ ରେ ଆକାଶ ମୁଖ୍ୟତ ମେଘୁଆ ରହିବ। ଆସନ୍ତା ପାଞ୍ଚ ଦିନରେ ଅତିସ୍ୱଳ୍ପ ରୁ ମଧ୍ୟମ ବର୍ଷା ହେବାର ସମ୍ଭାବନା ଅଛି । ଆସନ୍ତା ପାଞ୍ଚ ଦିନ ମଧ୍ୟରେ ସର୍ବାଧିକ ତାପମାତ୍ରା ୩୦-୩୧ ଡିଗ୍ରୀ ସେ. ଏବଂ ସର୍ବନିମ୍ନ ତାପମାତ୍ରା ୨୧-୨୨ ଡିଗ୍ରୀ ସେ. ରହିବାର ସମ୍ଭାବନା ଅଛି । ସର୍ବାଧିକ ଏବଂ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ଶତକଡ଼ା ୮୩ ରୁ ୮୯ ଭାଗ ଏବଂ ୫୦ ରୁ ୬୧ ଭାଗ ରହିବାର ସମ୍ଭାବନା ଅଛି।

| ତାରିଖ | ୨୯.୦୭.୨୦୨୦ | ୩୦.୦୭.୨୦୨୦ | ୩୧.୦୭.୨୦୨୦ | ୦୧.୦୮.୨୦୨୦ | ୦୨.୦୮.୨୦୨୦ |
|---|---|---|---|---|---|
| ବୃଷ୍ଟିପାତ (ମି.ମି.) | ୧୮ | ୭ | ୨ | ୧୬ | ୨୦ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ୩୦ | ୩୦ | ୩୧ | ୩୧ | ୩୦ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ୨୧ | ୨୨ | ୨୧ | ୨୧ | ୨୧ |
| ମେଘାଛନ୍ନ | ୬ | ୫ | ୫ | ୬ | ୭ |
| ସର୍ବାଧିକ ଆର୍ଦ୍ରତା (%) | ୮୮ | ୮୯ | ୮୬ | ୮୩ | ୮୬ |
| ସର୍ବନିମ୍ନ ଆର୍ଦ୍ରତା (%) | ୬୦ | ୬୧ | ୫୩ | ୫୩ | ୫୦ |
| ପବନର ବେଗ (କି.ମି./ଘଣ୍ଟା) | ୩ | ୪ | ୫ | ୫ | ୪ |
| ପବନର ଦିଗ (ଡିଗ୍ରୀ) | ୨୦୭ | ୨୪୨ | ୨୪୦ | ୨୩୪ | ୨୧୩ |

## ପାଣିପାଗ ଭିତ୍ତିକ କୃଷି ଉପଦେଶ

ସାଧାରଣ:

- ଆସନ୍ତା ପାଞ୍ଚ ଦିନରେ ଅତି ସ୍ୱଳ୍ପ ରୁ ମଧ୍ୟମ ବର୍ଷା ହେବାର ସମ୍ଭାବନା ଅଛି ତେଣୁ ଫସଲ ସୁରକ୍ଷା ପାଇଁ ଔଷଧ ସିଞ୍ଚନ କରନ୍ତୁ ନାହିଁ । ଝୋଲା ଜମିରେ କାଦୁଅ କରି ଧାନ ମଞ୍ଜି ବୁଣନ୍ତୁ । ଅମଳ କରି ଥିବା ଫସଲ ସୁରକ୍ଷିତ ଜାଗାରେ ରଖନ୍ତୁ
- ଧଣିଚା ବୁଣିବାର ୪୨ ଦିନ (୬ ସପ୍ତାହ) ରେ ଜମିକୁ ହଳକରି ଧଣିଚା ଗଛକୁ ମାଟିରେ ମିଶାଇ ଦିଅନ୍ତୁ ।
- ଜମିରେ ପ୍ରଚୁର ପରିମାଣରେ ଗୋବରଖତ ଏବଂ ସବୁଜ ସାର ଦିଅନ୍ତୁ, ତଦ୍ୱାରା ଜମିର ପାଣି ଧରିରଖିବା କ୍ଷମତା ବୃଦ୍ଧି ପାଇବ ।
- ସାମ୍ପ୍ରତିକ ବର୍ଷାକୁ ବ୍ୟବହାର କରି ଢିପ ଜମିରେ ଅଣଧାନ ଫସଲ ଯଥା ଡାଲି, ତୈଳବୀଜ ଏବଂ ପନିପରିବା ପାଇଁ ଜମି ପ୍ରସ୍ତୁତି ଆରମ୍ଭ କରନ୍ତୁ ଏବଂ ଯଥା ଶୀଘ୍ର ବୁଣାବୁଣି/ରୋଇବା କାମ କରନ୍ତୁ ।

- ସାମ୍ପ୍ରତିକ ବର୍ଷାକୁ ବ୍ୟବହାର କରି ଗୋଖାଦ୍ୟ ଫସଲ ଯଥା ମକା, ଜୋଆର, ବରଗୁଡ଼ି ଇତ୍ୟାଦି ବୁନନ୍ତୁ । ଏକର ପ୍ରତି ମକା ପାଇଁ ୨୦ କି.ଗ୍ରା., ଜୋଆର ଓ ବରଗୁଡ଼ି ପାଇଁ ୧୪ କି.ଗ୍ରା ହିସାବରେ ମଞ୍ଜି ବୁନନ୍ତୁ ।

ବୁଣା ଧାନ:

- ବିହନ ବୁଣିବା ପୂର୍ବରୁ ବିହନ ବିଶୋଧନ କରନ୍ତୁ, ୨.୫ ଗ୍ରାମ ମାନକୋଜେବ କିମ୍ବା ୨ ଗ୍ରାମ ବାବିଷ୍ଟିନ ୫୦WP ପ୍ରତି ୧ କିଗ୍ରା ବିହନରେ।
- ସାର ପରିମାଣ- ଯବକ୍ଷାରଜାନ, ଫସଫେଟ ଓ ପଟାସର ଅନୁପାତ ୮୦:୪୦:୪୦ (ହେକ୍ଟର ପିଛା କି.ଗ୍ରା.)
- ଧାନ ବୁଣିବା ପୂର୍ବରୁ ସମସ୍ତ ଫସଫେଟ, ୫୦% ପଟାସ ଓ ୨୫% ଯବକ୍ଷାରଜାନ ସାର ଜମିରେ ପ୍ରୟୋଗ କରନ୍ତୁ । ଅବଶିଷ୍ଟ ୫୦% ଯବକ୍ଷାରଜାନ ସାର ବୁଣିବାର ୧୫-୨୦ ଦିନ ପରେ କୋଡାଖୋସା କରି ଘାସ ବାଛି ପ୍ରୟୋଗ କରନ୍ତୁ । ଅବଶିଷ୍ଟ ୫୦% ପଟାସ ଓ ୨୫% ଯବକ୍ଷାରଜାନ ସାର କେଣ୍ଡା ବାହାରିବା ସମୟରେ ପ୍ରୟୋଗ କରନ୍ତୁ ।

ଖରିଫ ଧାନ (ରୁଆ ଧାନ)

- ବୁଣା ଧାନ ଜମିରେ ଘାସ ନିୟନ୍ତ୍ରଣ କରିବା ପାଇଁ ଧାନ ରୋଇବାର ୨୦ ରୁ ୨୫ ଦିନପରେ (ଘାସ ୨ ରୁ ୩ ପତ୍ର ଅବସ୍ଥାରେ) ଏକର ପ୍ରତି ୧୦୦ ମି.ଲି. ଘାସ ମର ଔଷଧ ବିସପାଇରିବାକ ସୋଡିୟମ ୧୦% SC ୨୦୦ ଲିଟର ପାଣିରେ ମିଶାଇ ପରିଷ୍କାର ପାଗ ଦେଖି ସିଂଚନ କରନ୍ତୁ ।
- ୨୦ ରୁ ୨୫ ଦିନର ୨ ରୁ ୩ ଟି ତଳି କୁ ଧାଡି କୁ ଧାଡି ୨୦ ସେ.ମି. ଏବଂ ଗଛ କୁ ଗଛ ୧୫ ସେ.ମି. ବ୍ୟବଧାନରେ ମୁଖ୍ୟ ଜମିରେ ଲଗାନ୍ତୁ । ରୋଇବାର ୧୦ ଦିନ ପର୍ଯ୍ୟନ୍ତ ୧ ରୁ ୨ ସେ. ମି. ଠିଆ ପାଣି ରଖନ୍ତୁ ।
- ସଅଳ କିସମ ପାଇଁ ବର୍ଗ ମିଟର ପ୍ରତି ୭୦ ବୁଦା, ମଧ୍ୟମ କିସମ ପାଇଁ ୫୦ ଟି ବୁଦା ଓ ବିଳମ୍ବ କିସମରେ ୩୫ ଟି ବୁଦା ରଖିବା ଆବଶ୍ୟକ ।
- ଗଛକୁ ପୋକ ଦାଉରୁ ରକ୍ଷା କରିବା ପାଇଁ ୨୦ ରୁ ୨୫ ଦିନର ତଳିକୁ କ୍ଲୋରୋପାଇରିଫସ ଦ୍ରବଣରେ (୧ ଗ୍ରାମ ପ୍ରତି ଲିଟର ପାଣିରେ) ୨୦ ମିନିଟ ବୁଡାଇ ରଖନ୍ତୁ ।
- ମାଟିଆ ଗୁଣ୍ଡି ପୋକର ଆକ୍ରମଣ କମ କରିବା ପାଇଁ ଧାନ ଲଗାଇବା ବେଳେ ୮ ରୁ ୧୦ ଧାଡି ପରେ ୧ ଧାଡି ଫାଙ୍କା ଯାଗା ରଖନ୍ତୁ
- ମାଟିରେ ଦସ୍ତା ଅଭାବ ଥିଲେ ହେକ୍ଟର ପ୍ରତି ୨୫ କି.ଗ୍ରା. ଜିଙ୍କ ସଲଫେଟ ସାର ପ୍ରୟୋଗ କରନ୍ତୁ ।
- ମେଘୁଆ ପାଗ ଯୋଗୁଁ ଆଗରୁ ଲଗାଯାଇଥିବା ଧାନ ଜମିରେ ପତ୍ରମୋଡା ପୋକ ଲାଗିବାର ସମ୍ଭାବନା ଅଛି, ଦମନ କରିବା ପାଇଁ ଫିପ୍ରୋନିଲ ୫% ଏସସି ପ୍ରତି ଲିଟର ପାଣିରେ ୨ ମି.ଲି. ମିଶାଇ ପରିଷ୍କାର ପାଗ ଦେଖିକି ସିଞ୍ଚନ କରନ୍ତୁ ।
- ଅନାବନା ଘାସ ଦମନ ପାଇଁ ଧାନ ରୋଇବାର ୩ ରୁ ୭ ଦିନ ମଧ୍ୟରେ ଘାସମରା (ବେନସଲଫୁରନ ମିଥାଇଲ ୦.୬ % + ପ୍ରେଟିଲାକ୍ଲୋର ୬% ଜିଆର) ୧୦ କିଗ୍ରା/ହେକ୍ଟର, ୨୫ କିଗ୍ରା ଶୁଖିଲା ବାଲି ରେ ମିଶାଇ ପାଣିକାଟି ପ୍ରୟୋଗ କରନ୍ତୁ ।

ମଣ୍ଡିଆ ଚାଷ:

କିସମ: ଭୈରବୀ, ଶୁଭ୍ରା, ନୀଳାଚଳ, ଚିଲିକା, ଗୋଦାବରୀ, ଚମ୍ପାବତୀ

- ସମତଳ, ଉଚା ଓ ଢାଲୁ ବିଶେଷକରି ନିଗିଡା ଜମି ମଣ୍ଡିଆ ଚାଷ ପାଇଁ ଅନୁକୂଳ ।
- ଧାଡି କୁ ଧାଡି ୨୦-୨୫ ସେ.ମି. ଏବଂ ଗଛ କୁ ଗଛ ୧୦ ସେ.ମି. ବ୍ୟବଧାନ ରେ ଲଗାନ୍ତୁ । ହେକ୍ଟର ପିଛା ୧୦କି.ଗ୍ରା. ବିହନ ଦରକାର।
- ବିହନ ବୁଣିବା ପୂର୍ବରୁ ବିହନ ବିଶୋଧନ କରନ୍ତୁ, ୨.୫ ଗ୍ରାମ ମାନକୋଜେବ କିମ୍ବା ୨ ଗ୍ରାମ ବାବିଷ୍ଟିନ ୫୦WP ପ୍ରତି ୧ କିଗ୍ରା ବିହନରେ।
- ସାର ପରିମାଣ- ଯବକ୍ଷାରଜାନ, ଫସଫେଟ ଓ ପଟାସର ଅନୁପାତ ୫୦:୪୦:୨୫ (ହେକ୍ଟର ପିଛା କି.ଗ୍ରା.)
- ତଳି ରୋଇବା ପୂର୍ବରୁ ସମସ୍ତ ଫସଫେଟ, ପଟାସ ଓ ଶତକଡା ୫୦ ଭାଗ ଯବକ୍ଷାରଜାନ ସାର ଜମିରେ ପ୍ରୟୋଗକରି ତଳି ରୋଇବା ଦରକାର। ଅବଶିଷ୍ଟ ୫୦% ଯବକ୍ଷାରଜାନ ସାର ରୋଇବାର ୧୫-୨୦ ଦିନ ପରେ କୋଡାଖୋସା କରି ଘାସ ବାଛି ପ୍ରୟୋଗ କରନ୍ତୁ ।

ଅଦା:

- ଅଧିକ ଅମଳ ପାଇବା ପାଇଁ ପଟାଳି ରେ ଲଗାନ୍ତୁ । ପଟାଳିର ଉଚତା ୧୫ ସେମି, ଓସାର ୧ ମିଟର ଏବଂ ଲମ୍ବା ଆପଣଙ୍କ ସୁବିଧା ଦେଖିକି କରନ୍ତୁ । ଜଳ ନିଷ୍କାସନ ପାଇଁ ଗଭୀର ନାଳ କରନ୍ତୁ ।
- କିସମ: ସୁପ୍ରଭ, ସୁରୁଚି ଓ ସୁରଭି, ବିହନ ପରିମାଣ: ୧୮–୨୦ କୁଇଣ୍ଟାଲ/ହେକ୍ଟର
- ଲଗେଇବା ପୂର୍ବରୁ କନ୍ଦା ବିଶୋଧନ କରନ୍ତୁ । ୧ ଲିଟର ପାଣିରେ ୧ ଗ୍ରାମ କାରବେନଡାଜିମ, ୩ ଗ୍ରାମ ମାନକୋଜେବ, ୧ ଗ୍ରାମ ପ୍ଲାଣ୍ଟୋମାଇସିନ ଓ ୨ ମିଲି କୁଇନାଲଫସ ମିଶାଇ ଅଧ ଘଣ୍ଟା ବୁଡାଇରଖି, ଛାଣିଦେଇ ବହାରକରି ଭଲଭାବେ ଖରାରେ ଶୁଖାଇ ଲଗାନ୍ତୁ।

ମକା:

- ବର୍ତ୍ତମାନ ସମୟ ମକା ବୁଣିବା ପାଇଁ ଉପଯୁକ୍ତ । ବର୍ଷା ବନ୍ଦ ହେଲାପରେ ମକା ବିହନ ଏକର ପ୍ରତି ୧୫ କି.ଗ୍ରା. ହିସାବରେ ଧାଡିକୁ ଧାଡି ୬୦ ସେ.ମି. ଏବଂ ଗଛକୁ ଗଛ ୨୦ ରୁ ୨୫ ସେ.ମି ବ୍ୟବଧାନରେ ବୁଣନ୍ତୁ । ଲଗାଇବାବେଳେ ଏକର ପିଛା ୩୫ କି.ଗ୍ରା ଡି.ଏ.ପି., ୪ କି.ଗ୍ରା ୟୁରିଆ ଓ ୨୭ କି.ଗ୍ରା ପଟାସ (ଏମ୍.ଓ.ପି.) ସାର ଧାଡିରେ ପ୍ରୟୋଗ କରନ୍ତୁ ।

ଦେଶୀଆଳୁ ଚାଷ:

କିସମ: ଓଡିଶା ଇଲାଇଟ, ଶ୍ରୀ କିର୍ତ୍ତୀ, ଶ୍ରୀ ରୂପା, ଶ୍ରୀ ଶୁଭ୍ରା, ଶ୍ରୀ ପ୍ରିୟା, ହାତୀଖୋଜ

- ଧାଡି କୁ ଧାଡି ୯୦ ସେ.ମି. ଓ ଗଛ କୁ ଗଛ ୯୦ ସେ.ମି. ବ୍ୟବଧାନରେ (୪୫ x ୪୫) ସେ.ମି. ଗଭୀର ଗାତ ଖୋଳି ଲଗାନ୍ତୁ ।
- ଏକର ପିଛା ୮-୧୦ କୁଇଣ୍ଟାଲ ବିହନ ଦରକାର। ବଡ ଦେଶୀଆଳୁ ବିହନ ଖଣ୍ଡକୁ ୧୫୦ ରୁ ୨୦୦ ଗ୍ରାମ ଓଜନର କାଟି ଲଗାନ୍ତୁ ।

**ପାଣିପାଗ ଜନିତ କୃଷି ଉପଦେଶ ପାଇଁ ମେଘଦୂତ ମୋବାଇଲ app ଡାଉନଲୋଡ କରନ୍ତୁ**

**https://play.google.com/store/apps/details?id=com.aas.meghdoot**

ବିଶେଷ ଦ୍ରଷ୍ଟବ୍ୟ: ଆବଶ୍ୟକ ସହାୟତା ଏବଂ ସୂଚନା ପାଇଁ ନିକଟବର୍ତୀ କେ.ଭି.କେ ବୈଜ୍ଞାନିକ ଓ ରାଜ୍ୟର କୃଷି ଅଫିସର ସହିତ ସମ୍ପର୍କ କରନ୍ତୁ।

---

ଡଃ. କେଦାରଶ୍ୱର ପ୍ରଧାନ
(ନୋଡ଼ାଲ ଅଫିସର)